# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 June – 2025**

---

## ଶ୍ରୀଜଗନ୍ନାଥ ବସ୍ ସେବା

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ପୁରୀ, ଭୁବନେଶ୍ୱର, ଭବାନୀପାଟଣା ଏବଂ ରାଇଘରରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ ହେବ। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଅଧୀନରେ ପୁରୀରୁ ଅଯୋଧ୍ୟା, ଉଜ୍ଜୟିନୀ, ତିରୁପତି, ହାଇଦ୍ରାବାଦ, ଭିଲାଇକୁ ବସ୍ ଚଳାଚଳ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଭୁବନେଶ୍ୱରରୁ ବିଶାଖାପାଟଣା ଏବଂ ରାଇଘର ଓ ଭବାନୀପାଟଣାରୁ ହାଇଦ୍ରାବାଦକୁ ମଧ୍ୟ ଏହି ଯୋଜନା ଅଧୀନରେ ଶ୍ରୀଜଗନ୍ନାଥ ବସ୍ ଚଳାଚଳ କରିବ । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ ସେବାର ଶୁଭାରମ୍ଭ କରିବେ। ଆସନ୍ତାକାଲିଠାରୁ ଶ୍ରୀଜଗନ୍ନାଥ ବସ୍ ସେବା ଆରମ୍ଭ ହେବ ।

ଶୂନ୍ୟ ଦୁର୍ଘଟଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ ।

---

# ରଥଯାତ୍ରା-ବୈଠକ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ବରିଷ୍ଠ ପୋଲିସ୍ ଅଧିକାରୀମାନଙ୍କର ଏକ ବୈଠକ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ କଟକଠାରେ ହୋଇଯାଇଛି । ରଥଯାତ୍ରା ଏବଂ ଶ୍ରୀବିଗ୍ରହମାନଙ୍କର ଅନ୍ୟାନ୍ୟ ନୀତିକାନ୍ତି ସମୟରେ ସୁରକ୍ଷା ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଶ୍ରୀଜୀଉମାନଙ୍କର ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି  ଚଳିତ ମାସ ୧୧ ତାରିଖ ଦେବସ୍ନାନ ପୂର୍ଣ୍ଣିମାଠାରୁ  ଆରମ୍ଭ ହୋଇ ଜୁଲାଇ ମାସ ୮ ତାରିଖ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଚାଲିବ ।

---

# ଡିଏମ୍ଏଫ୍

ଅନୁଗୁଳ, ଯାଜପୁର ଓ ଝାରସୁଗୁଡ଼ା ଜିଲ୍ଲାର ଖଣିଜ ପ୍ରତିଷ୍ଠାନ-ଡିଏମ୍ଏଫ୍ ପାଣ୍ଠିର ସଦୁପୋଯୋଗ କରି ହିତାଧିକାରୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଗତକାଲି ଉନ୍ନୟନ କମିଶନର  ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଖଣିଜ ପାଣ୍ଠିର ସଦୁପଯୋଗ, ପରିଚାଳନା ବ୍ୟବସ୍ଥା, ପ୍ରକଳ୍ପ ଲକ୍ଷ୍ୟ  ପୂରଣ,  ହିତାଧିକାରୀମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି କିପରି ମୂଲ୍ୟାୟନ କରାଯାଇ ପାରିବ ବୈଠକରେ ଆଲୋଚନା ହୋଇଥିଲା । ଏହି ୩ଟି ଜିଲ୍ଲାର ଖଣି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ପିଇବା ପାଣି, ରାସ୍ତାଘାଟ, ପରିମଳ,. ଗୃହ ନିର୍ମାଣ,

ନିଯୁକ୍ତ ସୁଯୋଗ ଭଳି ମୌଳିକ ସୁବିଧା ସୁଯୋଗ ଗୁଡ଼ିକର ମୂଲ୍ୟାୟନ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## କର୍ମଶାଳା

ରାଜ୍ୟରେ ସଂଗଠିତ ୨ଟି ଭୟଙ୍କର ଯୁଦ୍ଧ ମଧ୍ୟରୁ ଖ୍ରୀଷ୍ଟପୂର୍ବ ୨୬୧ ମସିହାରେ ଘଟିଥିବା କଳିଙ୍ଗ ଯୁଦ୍ଧ ସଂପର୍କରେ ବିସ୍ତୃତ ଏବଂ ବ୍ୟାପକ ତଥ୍ୟ ଉପଲବ୍ଧ କରିବା ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଐତିହାସିକ ଏବଂ ବିଦ୍ୱାନମାନଙ୍କୁ ନେଇ ଏକ କର୍ମଶାଳା ଭୁବନେଶ୍ୱର ପାନ୍ଥ ନିବାସଠାରେ ଆଜି ଅନୁଷ୍ଠିତ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କର୍ମଶାଳାକୁ ଉଦ୍‌ଘାଟନ କରିବେ । କର୍ମଶାଳାରେ କଳିଙ୍ଗ ଯୁଦ୍ଧ ସଂପର୍କରେ ଐତିହାସିକ ଏବଂ ଗବେଷକମାନେ ସେମାନଙ୍କର ଗବେଷଣାତ୍ମକ ନିବନ୍ଧ ଉପସ୍ଥାପନ କରିବେ ବୋଲି ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି ।

## ସ୍ନାତକୋତ୍ତର ନାମଲେଖା

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ଲାଗି ହୋଇଥିବା ଏକକ ପି.ଜି. ପ୍ରବେଶିକା ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ସୂଚନା ଅନୁସାରେ, ଆଜିଠାରୁ ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ପାଠ୍ୟକ୍ରମରେ ନାମଲେଖା ଲାଗି ଆବେଦନ କରିପାରିବେ । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ

ଚଏସ୍ ଫିଲିଙ୍ଗ୍ ଜାରି ରହିବ ଏବଂ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ । ଚଳିତବର୍ଷ ପ୍ରାୟ ୫୭ ହଜାର ଛାତ୍ରଛାତ୍ରୀ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖା ପାଇଁ ପରୀକ୍ଷା ଦେଇଥିଲେ ।

# ବିଶ୍ୱ ସାଇକେଲ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳନ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ସଭାରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷର ବାର୍ତ୍ତା ରହିଛି **ସ୍ଥାୟୀ ଭବିଷ୍ୟତ ନିମନ୍ତେ ସାଇକେଲ ଚାଳନା।** ସାଇକେଲ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ପୁରୁଣା ଓ ଜରୁରୀ ମାଧ୍ୟମ ଭାବରେ ପରିଗଣିତ ହୋଇଆସୁଛି ।

# ସଚେତନତା

ଭଦ୍ରକ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ କନ୍ୟା ଯତ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଭିନ୍ନ ବର୍ଗର ଜନସାଧାରଣ ସଚେତନତା କାର୍ଯ୍ୟକ୍ରମରେ ଆୟୋଜିତ ଶୋଭାଯାତ୍ରାରେ ସହର ପରିକ୍ରମା

କରି ଲୋକମାନଙ୍କୁ କନ୍ୟା ସନ୍ତାନ ପ୍ରତି ଅବହେଳା ନ କରିବା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଅବଗତ କରାଇଥିଲେ ।

---

# ପାଣିପାଗ

ମେଘମୁକ୍ତ ଆକାଶ ଏବଂ ପଶ୍ଚିମା ଉତ୍ତପ୍ତ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଦିନ ତାପମାତ୍ରା ବୃଦ୍ଧି ପାଇଛି । ବାୟୁମଣ୍ଡଳରେ ଆଦ୍ରତା ପରିମାଣ ଅଧିକ ରହୁଥିବାରୁ ଗୁଳୁଗୁଳି ଅନୁଭୂତ ହେଉଛି । ଆସନ୍ତା କିଛିଦିନ ପର୍ଯ୍ୟନ୍ତ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଗତକାଲି ବାଲେଶ୍ୱରରେ ସର୍ବାଧିକ ୩୯ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ଥିଲା ।

---